रेलवे भर्ती बोर्ड | RAILWAY RECRUITMENT BOARD
सीईएन ०१/२०२६ सहायक लोको पायलट (एएलपी) के पद पर भर्ती
CEN 01/2026 Recruitment of Assistant Loco Pilot (ALP)

Test Date	05/11/2026
Test Time	4:00 PM - 5:00 PM
Subject	RRB ALP 2026 CBT 1

*** Note**
Correct Answer will carry 1 mark per Question.
Incorrect Answer will carry 1/3 Negative mark per Question.

1. Options shown in green color with a tick icon are correct.
2. Chosen option on the right of the question indicates the option selected by the candidate.

Section : **RRB ALP**

Q.1 ଜଣେ ଦୋକାନୀ **₹60,000** ରେ ଛଅଟି ଏକ ପ୍ରକାରର ମୋବାଇଲ ଫୋନ କିଣିଲେ । ସେ ସେଥିମଧ୍ୟରୁ ଦୁଇଟିକୁ **₹57,000** ରେ ବିକ୍ରି କଲେ । ବିକ୍ରି ହୋଇଥିବା ସେହି ଦୁଇଟି ମୋବାଇଲ ଫୋନ ଉପରେ ତାଙ୍କର ଲାଭ ପ୍ରତିଶତ କେତେ ଥିଲା?

Ans
- ✔ A. 185%
- ✘ B. 187%
- ✘ C. 184%
- ✘ D. 182%

Q.2 ଏକ ଖାଦ୍ୟ ବିତରଣ କମ୍ପାନୀର ସାତ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ବିତରଣ ହୋଇଥିବା ଖାଦ୍ୟ: **48, 50, 48, 46, x, 50** ଓ **48** ଅଟେ, ଯେଉଁଠାରେ **x** ଏକ ଧନାତ୍ମକ ପୂର୍ଣ୍ଣସଂଖ୍ୟା ଅଟେ । ଯଦି **48** ଅନନ୍ୟ ଗରିଷ୍ଠକ ହୁଏ, ତେବେ **x** ର କ୍ଷୁଦ୍ରତମ ସମ୍ଭାବ୍ୟ ମୂଲ୍ୟ ନିର୍ଣ୍ଣୟ କର ।

Ans
- ✘ A. 46
- ✔ B. 1
- ✘ C. 50
- ✘ D. 48

Q.3 ହିତେଶଙ୍କ ବୟସ ତାଙ୍କ ପୁଅଙ୍କ ବୟସର ତିନିଗୁଣ ଅଟେ ଏବଂ ତାଙ୍କ ଝିଅ, ତାଙ୍କ ପୁଅଙ୍କ ଠାରୁ **3** ବର୍ଷ ସାନ ଅଟନ୍ତି । ଯଦି **3** ବର୍ଷ ପୂର୍ବେ ଏହି ତିନି ଜଣଙ୍କ ବୟସର ସମଷ୍ଟି **83** ବର୍ଷ ଥିଲା, ତେବେ ହିତେଶଙ୍କ ବର୍ତ୍ତମାନ ବୟସ (ବର୍ଷରେ) କେତେ?

Ans
- ✘ A. 64
- ✔ B. 57
- ✘ C. 68
- ✘ D. 67

Q.4 ଯଦି $\tan(9x-15)^{\circ} = \cot(8x+20)^{\circ}$ ହୁଏ ତେବେ **x** ର ମୂଲ୍ୟ ନିର୍ଣ୍ଣୟ କର ।

Ans
- ✘ A. 8
- ✘ B. 4
- ✔ C. 5
- ✘ D. 10

Q.5 $\sqrt{48}, 4\sqrt{3}$ ଓ $\sqrt{169}$ ର ଚତୁର୍ଥ ସମାନୁପାତୀ କେତେ?

Ans
- ✔ A. 13
- ✘ B. 14
- ✘ C. $\sqrt{12}$
- ✘ D. $\sqrt{13}$

Q.6 **E, X, P, O, R, T ଏବଂ S** ପ୍ରତ୍ୟେକଙ୍କର ପରୀକ୍ଷା ସପ୍ତାହର ଭିନ୍ନ ଭିନ୍ନ ଦିନରେ ଥାଏ, ଯାହା ସୋମବାରରୁ ଆରମ୍ଭ ହୋଇ ସେହି ସପ୍ତାହର ରବିବାରରେ ଶେଷ ହୋଇଥାଏ । **E** ଏବଂ **P** ଙ୍କ ମଧ୍ୟରେ କେବଳ ତିନିଜଣଙ୍କର ପରୀକ୍ଷା ଅଛି । **P** ଙ୍କ ପରୀକ୍ଷା ସପ୍ତାହର ଶେଷ ଦିନରେ ଅଛି । **R** ଙ୍କ ପରୀକ୍ଷାର ଦ୍ୱିତୀୟ ଦିନ **T** ଙ୍କ ପରୀକ୍ଷା ଅଛି । **S** ଙ୍କ ପରୀକ୍ଷାର ଠିକ ପୂର୍ବ ଦିନ **O** ଙ୍କ ପରୀକ୍ଷା ଅଛି । **X** ଙ୍କ ପରୀକ୍ଷା ଶୁକ୍ରବାର ଦିନ ନାହିଁ । **X** ଙ୍କ ପରେ କେତେ ଜଣ ବ୍ୟକ୍ତିଙ୍କର ପରୀକ୍ଷା ଅଛି?

Ans
- ✔ A. ଛଅ
- ✘ B. ପାଞ୍ଚ
- ✘ C. ଦୁଇ
- ✘ D. ଚାରି

Q.7 ଏକ ଇଭେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀ **₹12,000** ମୂଲ୍ୟର ଟିକେଟ୍ କିଣି **15%** ଲାଭରେ ବୁକିଂ ପାର୍ଟନରଙ୍କୁ ବିକ୍ରି କରିଥିଲା । ଏହାପରେ ବୁକିଂ ପାର୍ଟନର କ୍ରୟ ମୂଲ୍ୟ ଉପରେ **10%** ଲାଭରେ ଟିକେଟ ବିକ୍ରି କରିଥିଲା । ଅନ୍ତିମ ବିକ୍ରୟ ମୂଲ୍ୟ (₹ ରେ) କେତେ ଥିଲା?

Ans
- ✔ A. 15,180
- ✘ B. 13,800
- ✘ C. 14,580
- ✘ D. 15,400

Q.8 ଏହି ପ୍ରଶ୍ନ ନିମ୍ନରେ ଦିଆଯାଇଥିବା ତିନି-ଅଙ୍କ ବିଶିଷ୍ଟ ପାଞ୍ଚଟି ସଂଖ୍ୟା ଉପରେ ଆଧାରିତ ।

(ବାମ) 682 315 947 524 761 (ଡାହାଣ)

(ଉଦାହରଣ: 697 – ପ୍ରଥମ ଅଙ୍କ = 6, ଦ୍ୱିତୀୟ ଅଙ୍କ = 9 ଏବଂ ତୃତୀୟ ଅଙ୍କ = 7)
ଦ୍ରଷ୍ଟବ୍ୟ : ସମସ୍ତ ପ୍ରକ୍ରିୟା ବାମରୁ ଡାହାଣକୁ କରାଯିବ ।
ଯଦି ବୃହତ୍ତମ ସଂଖ୍ୟାର ଦ୍ୱିତୀୟ ଅଙ୍କରେ କ୍ଷୁଦ୍ରତମ ସଂଖ୍ୟାର ପ୍ରଥମ ଅଙ୍କକୁ ଯୋଗ କରାଯାଏ, ତେବେ ପରିଣାମ କେତେ ହେବ?

Ans
- ✘ A. 9
- ✘ B. 10
- ✔ C. 7
- ✘ D. 8

Q.9 ଶବ୍ଦ **POINTED** ର ପ୍ରତ୍ୟେକ ଅକ୍ଷରକୁ ଇଂରାଜୀ ବର୍ଣ୍ଣମାଳା କ୍ରମରେ ସଜାଇଲେ, କେତୋଟି ଅକ୍ଷରର ସ୍ଥାନ ଅପରିବର୍ତ୍ତିତ ରହିବ?

Ans
- ✘ A. ଏକ
- ✔ B. ଦୁଇ
- ✘ C. କିଛି ନୁହେଁ
- ✘ D. ତିନି

Q.10 ଏହି ପ୍ରଶ୍ନରେ, ନିମ୍ନରେ ଦିଆଯାଇଥିବା କୋଡ ଏବଂ ତାପରେ ଦିଆଯାଇଥିବା ସର୍ତ୍ତାବଳୀ ଅନୁଯାୟୀ ଅକ୍ଷର କୋଡ ବ୍ୟବହାର କରି ସଂଖ୍ୟା/ପ୍ରତୀକର ଏକ ଗୋଷ୍ଠୀକୁ କୋଡ କରାଯାଇଛି । ସର୍ତ୍ତାବଳୀ ଅନୁସରଣ କରୁଥିବା କୋଡଗୁଡ଼ିକର ସଠିକ ସଂଯୋଜନଟି ଆପଣଙ୍କର ଉତ୍ତର ଅଟେ । ଯଦି କୌଣସି ସର୍ତ୍ତାବଳୀ ପ୍ରଯୋଗ ହୋଇ ନାହିଁ, ତେବେ ସାରଣୀରେ ଦିଆଯାଇଥିବା ପରି ସଂଖ୍ୟା/ପ୍ରତୀକର କୋଡକୁ ସିଧାସଳଖ ଅନୁସରଣ କରିବାକୁ ପଡିବ ।

ସଂଖ୍ୟା/ପ୍ରତୀକ 1 # 6 @ 3 % 8 & 5 $ 2 + 94

କୋଡ HMBT KP AF URDWLQ

ସର୍ତ୍ତାବଳୀ –
(i) ଯଦି ତୃତୀୟ ଉପାଦାନ ଏକ ଅଯୁଗ୍ମ ସଂଖ୍ୟା ହୁଏ, ତେବେ ଦ୍ୱିତୀୟ ଉପାଦାନକୁ © ଭାବରେ କୋଡ କରାଯିବ ।
(ii) ଯଦି ପ୍ରଥମ ଉପାଦାନ ଏକ ପ୍ରତୀକ ହୁଏ, ତେବେ ପ୍ରଥମ ଓ ଶେଷ ଉପାଦାନର କୋଡକୁ ପରସ୍ପର ମଧ୍ୟରେ ଅଦଳବଦଳ କରାଯିବ ।
(iii) ଯଦି ପଞ୍ଚମ ଉପାଦାନ ଏକ ପ୍ରତୀକ ହୁଏ, ତେବେ ତୃତୀୟ ଉପାଦାନକୁ ପଞ୍ଚମ ଉପାଦାନର କୋଡ ଭାବରେ କୋଡ କରାଯିବ ।

ନିମ୍ନଲିଖିତ ସଂଖ୍ୟା ଗୋଷ୍ଠୀ ପାଇଁ କୋଡ କ'ଣ ହେବ?
85326

Ans
- ✔ A. A©KDB
- ✘ B. A©KDA
- ✘ C. A©QDB
- ✘ D. AUKDB

Q.11 **ନିମ୍ନଲିଖିତ ମଧ୍ୟରୁ ସେହି ଅଧାତବ ଅକ୍ସାଇଡ୍‌କୁ ଚିହ୍ନଟ କରନ୍ତୁ, ଯାହା ଜଳରେ ଦ୍ରବୀଭୂତ ହେଲେ ଅମ୍ଳ ଗଠନ କରେ ନାହିଁ ।**

Ans
- ✘ A. NO_2
- ✔ B. NO
- ✘ C. SO_2
- ✘ D. CO_2

Q.12 **ସହଚର କୋଷଗୁଡ଼ିକ (companion cells) ସିଭ ନଳୀ (sieve tube) କାର୍ଯ୍ୟରେ କିପରି ସହାୟତା କରିଥାଆନ୍ତି?**

Ans
- ✘ A. ସେଗୁଡିକ ଫ୍ଲୋଏମକୁ ଗଠନଗତ ସହାୟତା ପ୍ରଦାନ କରନ୍ତି
- ✔ B. ସେଗୁଡିକ ଶର୍କରାର ଲୋଡ଼ିଂ ଏବଂ ଅନଲୋଡ଼ିଂ ଉପରେ ନଜର ରଖନ୍ତି
- ✘ C. ସେଗୁଡିକ ସିଭ ନଳୀରେ ଲାଟେକ୍ସ ସଂରଚନାକୁ ନିୟନ୍ତ୍ରଣ କରନ୍ତି
- ✘ D. ସେଗୁଡିକ ଖାଦ୍ୟ ସାମଗ୍ରୀ ଓ ରେଜିନ ସଂରକ୍ଷଣ କରନ୍ତି

Q.13 **ଛଅଟି ବାକ୍ସ A, B, F, G, H ଓ I କୁ ଗୋଟିଏ ଉପରେ ଅନ୍ୟଟି ରଖାଯାଇଛି କିନ୍ତୁ ସମାନ କ୍ରମରେ ଜରୁରୀ ନୁହେଁ । । ଓ B ମଧ୍ୟରେ କେବଳ ଦୁଇଟି ବାକ୍ସ ରଖାଯାଇଛି । H ଉପରେ କେବଳ G କୁ ରଖାଯାଇଛି । B ତଳେ କୌଣସି ବାକ୍ସ ରଖାଯାଇ ନାହିଁ । A ଉପରେ କୌଣସି ଏକ ସ୍ଥାନରେ F କୁ ରଖାଯାଇଛି । A ଓ F ମଧ୍ୟରେ କେତୋଟି ବାକ୍ସ ରଖାଯାଇଛି?**

Ans
- ✘ A. ତିନି
- ✘ B. ଏକ
- ✘ C. ଦୁଇ
- ✔ D. କିଛି ନାହିଁ

Q.14 **ଏକ ଅନଲାଇନ ଲର୍ଣ୍ଣିଙ୍ଗ ପ୍ଲାଟଫର୍ମ ଏକ ଆଡମିସନ କ୍ୟାମ୍ପେନ ସମୟରେ ଏହାର ବାର୍ଷିକ ସବସ୍କ୍ରିପସନ ଫିକୁ 25% କମ କରିଥିଲା ଏବଂ ପରେ ରିହାତି ସବସ୍କ୍ରିପସନ ଫି 20% ବୃଦ୍ଧି କରିଥିଲା । ଯଦି ମୂଳ ସବସ୍କ୍ରିପସନ ଫି ₹8,000 ଥିଲା, ତେବେ ଅନ୍ତିମ ସବସ୍କ୍ରିପସନ ଫି (₹ରେ) କେତେ ହେବ?**

Ans
- ✔ A. 7,200
- ✘ B. 7,000
- ✘ C. 7,400
- ✘ D. 7,600

Q.15 ଏହି ପ୍ରଶ୍ନଟି ନିମ୍ନଲିଖିତ ଶବ୍ଦଗୁଡିକ ଉପରେ ଆଧାରିତ ।

ACT LAG GEL IDS

ପ୍ରତ୍ୟେକ ଶବ୍ଦରେ ପ୍ରତ୍ୟେକ ସ୍ୱରବର୍ଣ୍ଣ ଇଂରାଜୀ ବର୍ଣ୍ଣମାଳା କ୍ରମରେ ଏହାର ଠିକ ପରବର୍ତ୍ତୀ ଅକ୍ଷରରେ ପରିବର୍ତ୍ତିତ ହୁଏ ଏବଂ ପ୍ରତ୍ୟେକ ବ୍ୟଞ୍ଜନବର୍ଣ୍ଣ ଇଂରାଜୀ ବର୍ଣ୍ଣମାଳା କ୍ରମରେ ଏହାର ଠିକ ପୂର୍ବବର୍ତ୍ତୀ ଅକ୍ଷରରେ ପରିବର୍ତ୍ତିତ ହୁଏ । ଏହିପରି ଗଠିତ କେତୋଟି ଅକ୍ଷର ପୁଞ୍ଜରେ କୌଣସି ସ୍ୱରବର୍ଣ୍ଣ ଦେଖାଯିବ ନାହିଁ?

Ans

✗ A. ଏକ

✗ B. ଦୁଇ

✗ C. ତିନି

✓ D. ଚାରି

Q.16 ସରଳ ସ୍ଥାୟୀ ଟିସୁର ନିମ୍ନଲିଖିତ କେଉଁ ବୈଶିଷ୍ଟ୍ୟ ଜଳଜ ଉଦ୍ଭିଦଗୁଡ଼ିକୁ ଭାସିବାରେ ସାହାଯ୍ୟ କରେ?

Ans

✓ A. ପ୍ୟାରେନକାଇମାରେ ବାୟୁଗହ୍ୱର (air spaces) ର ଉପସ୍ଥିତି

✗ B. ଏକ କୋଷର ଅସମାନ ଭାବେ ମୋଟା ହୋଇଥିବା କୋଣ

✗ C. କୋଲେନକାଇମା (collenchyma) ରେ ଥିବା ପେକ୍ଟିନ ଯୋଗୁଁ ନମନୀୟତା

✗ D. ଲିଗ୍ନିଫାଏଡ ସ୍କ୍ଲେରେନକାଇମା (lignified sclerenchyma) ଯୋଗୁଁ କଠିନତା

Q.17 ଏକ ବନ୍ୟପ୍ରାଣୀ ସର୍ଭେରେ ରିପୋର୍ଟ କରାଯାଇଛି ଯେ ବାର୍ଷିକ 10% ବୃଦ୍ଧି ପରେ ଏକ ଅଭୟାରଣ୍ୟରେ ହରିଣ ସଂଖ୍ୟା 13,200 ହୋଇଗଲା । ଏକ ବର୍ଷ ପୂର୍ବରୁ ହରିଣ ସଂଖ୍ୟା କେତେ ଥିଲା?

Ans

✗ A. 14520

✓ B. 12000

✗ C. 11880

✗ D. 12120

Q.18 ଯଦି 'A' ର ଅର୍ଥ '÷', 'B' ର ଅର୍ଥ '×', 'C' ର ଅର୍ଥ '+' ଏବଂ 'D' ର ଅର୍ଥ '−' ହୁଏ, ତେବେ ନିମ୍ନଲିଖିତ ସମୀକରଣରେ ପ୍ରଶ୍ନ ଚିହ୍ନ (?) ସ୍ଥାନରେ କ'ଣ ଆସିବ?
40 D 72 C 115 A 23 B 12 = ?

Ans

✗ A. 22

✓ B. 28

✗ C. 25

✗ D. 24

Q.19 ନିମ୍ନଲିଖିତ ଅକ୍ଷର ଅନୁକ୍ରମକୁ ଦେଖି ପରବର୍ତ୍ତୀ ପ୍ରଶ୍ନର ଉତ୍ତର ଦିଅ ।
(ବାମ) D G J M B W Z L E C I R U H Y L F K V X P W T O Q A (ଡାହାଣ)

ଏପରି କେତୋଟି ବ୍ୟଞ୍ଜନବର୍ଣ୍ଣ ଅଛି ଯାହାର ପ୍ରତ୍ୟେକର ଠିକ ପୂର୍ବରୁ ଏକ ସ୍ୱରବର୍ଣ୍ଣ ଏବଂ ଠିକ ପରେ ମଧ୍ୟ ଏକ ସ୍ୱରବର୍ଣ୍ଣ ଅଛି?

Ans

✗ A. ତିନିରୁ ଅଧିକ

✗ B. ଏକ

✗ C. ଦୁଇ

✓ D. ତିନି

Q.20 5 kg ବସ୍ତୁତ୍ୱ ବିଶିଷ୍ଟ ଏକ ବାକ୍ସକୁ ଏକ ସମତଳ ପୃଷ୍ଠ ଉପରେ 20 N ର ସ୍ଥିର ବଳ ପ୍ରୟୋଗ କରି 4 ମିଟର ଦୂରତା ପର୍ଯ୍ୟନ୍ତ ଘୁଞ୍ଚାଗଲା । ଯଦି ବାକ୍ସଟି ସ୍ଥିର ଅବସ୍ଥାରୁ ଗତି ଆରମ୍ଭ କରେ ଏବଂ ଏହା ଉପରେ 5 N ଘର୍ଷଣ ବଳ କାର୍ଯ୍ୟ କରେ ତେବେ କାର୍ଯ୍ୟ ଶକ୍ତି ଉପପାଦ୍ୟ (work-energy theorem) ଅନୁଯାୟୀ ବାକ୍ସର ଅନ୍ତିମ ଗତିଜ ଶକ୍ତି କେତେ ହେବ?

Ans

✗ A. 15 J

✗ B. 80 J

✗ C. 20 J

✓ D. 60 J

Blackbook

Q.21 ସାତ ଜଣ ଲୋକ ଜ୍ୟାକ, କନିକା, ମେହୁଲ, ନିଧି, ସିଆ, ଟିନା ଓ ଯୋଗେଶ ଏକ ଗୋଲାକାର ଟେବୁଲ ଚାରିପାଖରେ କେନ୍ଦ୍ରକୁ ମୁହଁ କରି ବସିଛନ୍ତି । ଯୋଗେଶ ଉଭୟ କନିକା ଓ ମେହୁଲଙ୍କ ନିକଟତମ ପଡ଼ୋଶୀ ଅଟନ୍ତି ଏବଂ ନିଧିଙ୍କ ବାମ ପାର୍ଶ୍ୱ ଦ୍ୱିତୀୟରେ ଯୋଗେଶ ବସିଛନ୍ତି । ଜ୍ୟାକଙ୍କ ଡାହାଣ ପାର୍ଶ୍ୱ ଦ୍ୱିତୀୟରେ କନିକା ବସିଛନ୍ତି । ନିଧିଙ୍କ ନିକଟତମ ପଡ଼ୋଶୀ ଟିନା ନୁହଁନ୍ତି । ଯୋଗେଶଙ୍କ ବାମ ପାର୍ଶ୍ୱରୁ ଗଣନା କଲେ ଯୋଗେଶ ଓ ଜ୍ୟାକଙ୍କ ମଧ୍ୟରେ କେତେ ଜଣ ଲୋକ ବସିଛନ୍ତି ?

Ans

✗ A. ଟିନି

✗ B. କିଛି ନାହିଁ

✗ C. ଏକ

✓ D. ଦୁଇ

Q.22 ସାତ ଜଣ ଲୋକ **A, B, C, D, E, F** ଓ **G** ଉତ୍ତର ଦିଗକୁ ମୁହଁ କରି ଗୋଟିଏ ଧାଡିରେ ବସିଛନ୍ତି । ଧାଡିର ଡାହାଣ ପ୍ରାନ୍ତରୁ ଦ୍ୱିତୀୟରେ **C** ବସିଛନ୍ତି । **B** ଙ୍କ ବାମ ପାର୍ଶ୍ୱରେ କେବଳ ତିନି ଜଣ ଲୋକ ବସିଛନ୍ତି । **A** ଓ **E** ଙ୍କ ନିକଟତମ ପଡ଼ୋଶୀ **D** ଅଟନ୍ତି । **E** ଙ୍କ ଡାହାଣ ପାର୍ଶ୍ୱ ଦ୍ୱିତୀୟରେ **F** ବସିଛନ୍ତି । **G** ଓ **D** ଙ୍କ ମଧ୍ୟରେ କେତେ ଜଣ ଲୋକ ବସିଛନ୍ତି?

Ans

✗ A. ଦୁଇ

✓ B. ଚାରି

✗ C. ତିନି

✗ D. ଏକ

Q.23 ପ୍ରଦତ୍ତ ଅନୁକ୍ରମରେ '?' ସ୍ଥାନରେ କ'ଣ ଆସିବ?
28 33 39 46 54 63 ?

Ans

✗ A. 75

✓ B. 73

✗ C. 71

✗ D. 76

Q.24 ବିକ୍ରାନ୍ତ ପଏଣ୍ଟ **A** ରୁ ଆରମ୍ଭ କରି ଉତ୍ତର ଦିଗକୁ **55 km** ଗାଡି ଚଲାନ୍ତି । ତା'ପରେ ସେ ଡାହାଣ ମୋଡ଼ ନେଇ **60 km** ଗାଡି ଚଲାନ୍ତି, ତା'ପରେ ଡାହାଣ ମୋଡ଼ ନେଇ **70 km** ଗାଡି ଚଲାନ୍ତି । ତା'ପରେ ସେ ଡାହାଣ ମୋଡ଼ ନେଇ **71 km** ଗାଡି ଚଲାନ୍ତି । ସେ ଅନ୍ତିମ ଡାହାଣ ମୋଡ଼ ନେଇ **15 km** ଗାଡି ଚଲାଇ ପଏଣ୍ଟ **P** ରେ ଅଟକି ଯାଆନ୍ତି । ପଏଣ୍ଟ **A** ରେ ପୁନର୍ବାର ପହଞ୍ଚିବା ପାଇଁ ସେ କେତେ ଦୂର (ସର୍ବନିମ୍ନ ଦୂରତା) ଏବଂ କେଉଁ ଦିଗକୁ ଗାଡି ଚଲାଇବା ଉଚିତ? (ପ୍ରଦତ୍ତ ନ ଥିଲେ ସମସ୍ତ ମୋଡ଼ କେବଳ **90** ଡିଗ୍ରୀ ଅଟେ ।)

Ans

✗ A. 12 km ପଶ୍ଚିମ ଦିଗକୁ

✗ B. 10 km ପୂର୍ବ ଦିଗକୁ

✗ C. 13 km ପଶ୍ଚିମ ଦିଗକୁ

✓ D. 11 km ପୂର୍ବ ଦିଗକୁ

Q.25 ନିମ୍ନରେ ସଂଖ୍ୟାଗୁଡିକର ଦୁଇଟି ସେଟ ଦିଆଯାଇଛି । ସଂଖ୍ୟାର ପ୍ରତ୍ୟେକ ସେଟରେ, ପ୍ରଥମ ସଂଖ୍ୟାଟି ଉପରେ ନିର୍ଦ୍ଦିଷ୍ଟ ଗାଣିତିକ ପ୍ରକ୍ରିୟା(ଗୁଡିକୁ) ପ୍ରୟୋଗ କରିବା ଦ୍ୱାରା ଦ୍ୱିତୀୟ ସଂଖ୍ୟା ପ୍ରାପ୍ତ ହୁଏ । ସେହିଭଳି, ଦ୍ୱିତୀୟ ସଂଖ୍ୟା ଉପରେ ନିର୍ଦ୍ଦିଷ୍ଟ ଗାଣିତିକ ପ୍ରକ୍ରିୟା(ଗୁଡିକ) ପ୍ରୟୋଗ କରିବା ଦ୍ୱାରା ତୃତୀୟ ସଂଖ୍ୟା ପ୍ରାପ୍ତ ହୁଏ, ଏବଂ ସେହିଭଳି ଜାରି ରହେ । ଦିଆଯାଇଥିବା ବିକଳ୍ପଗୁଡିକ ମଧ୍ୟରୁ କେଉଁଟି, ପ୍ରଦତ୍ତ ସେଟରେ ପ୍ରୟୋଗ ହୋଇଥିବା ପ୍ରକ୍ରିୟା ଭଳି ସମାନ ପ୍ରକ୍ରିୟାର ସେଟକୁ ଅନୁସରଣ କରେ?

(ଦ୍ରଷ୍ଟବ୍ୟ: ସଂଖ୍ୟାଗୁଡିକୁ ସେଗୁଡିକର ଗଠନକାରୀ ଅଙ୍କଗୁଡିକରେ ନଭାଙ୍ଗି ପୂର୍ଣ୍ଣସଂଖ୍ୟାଗୁଡିକ ଉପରେ ଗାଣିତିକ ପ୍ରକ୍ରିୟାଗୁଡିକ ହେବ । ଉଦାହରଣ ସ୍ୱରୂପ **13**- ମିଶାଣ/ଫେଡାଣ/ଗୁଣନ ଇତ୍ୟାଦି ଭଳି ଗାଣିତିକ ପ୍ରକ୍ରିୟାଗୁଡିକ **13** ଉପରେ ହେବ । **13** କୁ **1** ଓ **3** ରେ ଭାଙ୍ଗି **1** ଓ **3** ଉପରେ ଗାଣିତିକ ପ୍ରକ୍ରିୟା କରିବା ପାଇଁ ଅନୁମତି ନାହିଁ ।)

6 - 36 - 46 - 56
8 - 64 - 74 - 84

Ans

✓ A. 9 - 81 - 91 - 101

✗ B. 15 - 225 - 235 - 255

✗ C. 10 - 100 - 120 - 130

✗ D. 11 - 131 - 141 - 151

Q.26 ନିମ୍ନରେ ଦିଆଯାଇଥିବା ଦୁଇଟି ଯୋଡ଼ି ଯେଉଁ ଢାଞ୍ଚା ଅନୁସରଣ କରନ୍ତି, ସେହି ସମାନ ଢାଞ୍ଚା ଅନୁସରଣ କରୁଥିବା ଯୋଡି ଚୟନ କରନ୍ତୁ । ଉଭୟ ଯୋଡି ସମାନ ଢାଞ୍ଚା ଅନୁସରଣ କରନ୍ତି ।

NJG–DZW
DZW–TPM

Ans
- ✔ A. VRO–LHE
- ✘ B. VQM–LHE
- ✘ C. VQM–KGD
- ✘ D. VRO–KHD

Q.27 ଏହି ପ୍ରଶ୍ନ ନିମ୍ନଲିଖିତ ଶବ୍ଦ ଉପରେ ଆଧାରିତ ।

DUB OWE SKI FIN

ପ୍ରତ୍ୟେକ ଶବ୍ଦରେ, ଇଂରାଜୀ ବର୍ଣ୍ଣମାଳା କ୍ରମ ଆଧାରରେ ପ୍ରତ୍ୟେକ ସ୍ୱରବର୍ଣ୍ଣକୁ ଏହାର ଠିକ ପରବର୍ତ୍ତୀ ଅକ୍ଷରରେ ପରିବର୍ତ୍ତନ କରାଯାଏ ଏବଂ ଇଂରାଜୀ ବର୍ଣ୍ଣମାଳା କ୍ରମ ଆଧାରରେ ପ୍ରତ୍ୟେକ ବ୍ୟଞ୍ଜନବର୍ଣ୍ଣକୁ ଏହାର ଠିକ ପୂର୍ବବର୍ତ୍ତୀ ଅକ୍ଷରରେ ପରିବର୍ତ୍ତନ କରାଯାଏ, ତେବେ ଏହିପରି ଗଠିତ କେତୋଟି ଅକ୍ଷର-ପୁଞ୍ଜରେ କୌଣସି ସ୍ୱରବର୍ଣ୍ଣ ରହିବ ନାହିଁ?

Ans
- ✘ A. ତିନି
- ✔ B. ଦୁଇ
- ✘ C. ଚାରି
- ✘ D. ଗୋଟିଏ

Q.28 ନିମ୍ନରେ ପ୍ରଦତ୍ତ ଦୁଇଟି ଯୋଡ଼ି ଯେଉଁ ଶୈଳୀ ଅନୁସରଣ କରନ୍ତି, ସେହି ସମାନ ଶୈଳୀ ଅନୁସରଣ କରୁଥିବା ଯୋଡି ଚୟନ କରନ୍ତୁ । ଉଭୟ ଯୋଡି ସମାନ ଶୈଳୀ ଅନୁସରଣ କରନ୍ତି ।

VZY–XBA
CGF–EIH

Ans
- ✔ A. BFE–DHG
- ✘ B. BFE–CHF
- ✘ C. BEC–CGF
- ✘ D. BEC–DHG

Q.29 **X, Y, Z, A ଓ B** ର ବୟସ ଭିନ୍ନ ଭିନ୍ନ ଅଟେ । **X** ଠାରୁ କେବଳ ଜଣେ ବ୍ୟକ୍ତି ସାନ ଅଟନ୍ତି । **A, B** ଠାରୁ ବଡ ଏବଂ **B, Z** ଠାରୁ ବଡ ଅଟନ୍ତି । **Z, X** ଠାରୁ ବଡ ଅଟନ୍ତି । କିଏ ସବୁଠାରୁ ବଡ ଅଟନ୍ତି?

Ans
- ✘ A. X
- ✘ B. Z
- ✔ C. A
- ✘ D. Y

Q.30 **7**-ଅଙ୍କ ବିଶିଷ୍ଟ ସଂଖ୍ୟା **43A762B** ଯଦି **12** ଦ୍ୱାରା ବିଭାଜ୍ୟ ହୁଏ । ତେବେ **(A + B)** ର ସର୍ବନିମ୍ନ ମୂଲ୍ୟ କେତେ?

Ans
- ✘ A. 3
- ✔ B. 2
- ✘ C. 1
- ✘ D. 4

Q.31 ଶବ୍ଦ **HUSBAND** ର ପ୍ରତ୍ୟେକ ଅକ୍ଷରକୁ ଇଂରାଜୀ ବର୍ଣ୍ଣମାଳା କ୍ରମରେ ସଜାଇଲେ, କେତୋଟି ଅକ୍ଷରର ସ୍ଥାନ ଅପରିବର୍ତ୍ତିତ ରହିବ?

Ans
- ✔ A. 0
- ✘ B. 2
- ✘ C. 3
- ✘ D. 1

Black book

Q.32 ସଂଖ୍ୟା **36784521** ରେ ଥିବା ପ୍ରତ୍ୟେକ ଅଙ୍କକୁ ବାମରୁ ଡାହାଣକୁ ଅଧଃକ୍ରମରେ ସଜାଗଲା । ଏହିପରି ଗଠିତ ନୂତନ ସଂଖ୍ୟାରେ ଡାହାଣ ପାର୍ଶ୍ୱରୁ ପଞ୍ଚମ ସ୍ଥାନରେ କେଉଁ ଅଙ୍କଟି ରହିବ?

Ans

✗ A. 7

✓ B. 5

✗ C. 4

✗ D. 6

Q.33 ଏକ ବିଦ୍ୟାଳୟ **49 m** ଗୁଣନ **196 m** ($49\ \text{m} \times 196\ \text{m}$) ଆୟତନ ବିଶିଷ୍ଟ ଏକ ଆୟତାକାର ବଗିଚା ବଦଳରେ ସମାନ କ୍ଷେତ୍ରଫଳ ବିଶିଷ୍ଟ ଏକ ବର୍ଗାକାର ବଗିଚା ନିର୍ମାଣ କରିବାକୁ ଯୋଜନା କରୁଛି । ଏହି ବର୍ଗାକାର ବଗିଚାର ବାହୁର ଦୈର୍ଘ୍ୟ (ମିଟର ରେ) କେତେ ହେବା ଉଚିତ?

Ans

✗ A. 147

✗ B. 122

✗ C. 70

✓ D. 98

Q.34 ଇଂରାଜୀ ବର୍ଣ୍ଣମାଳା କ୍ରମ ଆଧାରରେ ନିମ୍ନଲିଖିତ ଚାରିଟି ଅକ୍ଷର ପୁଞ୍ଜ ଯୋଡ଼ି ମଧ୍ୟରୁ ତିନୋଟି ଏକ ନିର୍ଦ୍ଦିଷ୍ଟ ଉପାୟରେ ସଦୃଶ ଏବଂ ଏହିପରି ଏକ ଗୋଷ୍ଠୀ ଗଠନ କରନ୍ତି । କେଉଁଟି ସେହି ଗୋଷ୍ଠୀର ଅନ୍ତର୍ଭୁକ୍ତ ନୁହେଁ?
(ଦ୍ରଷ୍ଟବ୍ୟ: ଅସମଟି ବ୍ୟଞ୍ଜନ/ସ୍ୱରବର୍ଣ୍ଣ ସଂଖ୍ୟା କିମ୍ବା ଅକ୍ଷର ପୁଞ୍ଜରେ ସେଗୁଡିକର ସ୍ଥିତି ଉପରେ ଆଧାରିତ ନୁହେଁ)

Ans

✗ A. NK–IF

✓ B. VS–PP

✗ C. BY–WT

✗ D. LI–GD

Q.35 ଇଂରାଜୀ ବର୍ଣ୍ଣମାଳା କ୍ରମ ଆଧାରରେ ନିମ୍ନଲିଖିତ ଚାରିଟି ଅକ୍ଷର ପୁଞ୍ଜ ମଧ୍ୟରୁ ତିନୋଟି ଏକ ନିର୍ଦ୍ଦିଷ୍ଟ ଉପାୟରେ ସଦୃଶ ଏବଂ ଏହିପରି ଏକ ଗୋଷ୍ଠୀ ଗଠନ କରନ୍ତି । କେଉଁ ଅକ୍ଷର ପୁଞ୍ଜଟି ସେହି ଗୋଷ୍ଠୀର ଅନ୍ତର୍ଭୁକ୍ତ ନୁହେଁ?
(ଦ୍ରଷ୍ଟବ୍ୟ: ଅସମଟି ବ୍ୟଞ୍ଜନ/ସ୍ୱରବର୍ଣ୍ଣ ସଂଖ୍ୟା କିମ୍ବା ଅକ୍ଷର ପୁଞ୍ଜରେ ସେଗୁଡିକର ସ୍ଥିତି ଉପରେ ଆଧାରିତ ନୁହେଁ ।)

Ans

✗ A. IF-BJ

✗ B. JG-CK

✗ C. YV-RZ

✓ D. RO-KI

Q.36 ଏହି ପ୍ରଶ୍ନରେ, ନିମ୍ନରେ ଦିଆଯାଇଥିବା କୋଡ ଏବଂ ତାପରେ ଦିଆଯାଇଥିବା ସର୍ତ୍ତାବଳୀ ଅନୁଯାୟୀ ଅକ୍ଷର କୋଡ ବ୍ୟବହାର କରି ସଂଖ୍ୟା/ପ୍ରତୀକର ଏକ ଗୋଷ୍ଠୀକୁ କୋଡ୍ କରାଯାଇଛି । ସର୍ତ୍ତାବଳୀ ଅନୁସରଣ କରୁଥିବା କୋଡ୍‌ଗୁଡ଼ିକର ସଠିକ ସମାହାର ଆପଣଙ୍କର ଉତ୍ତର ଅଟେ । ଯଦି କୌଣସି ସର୍ତ୍ତାବଳୀ ପ୍ରୟୋଗ ହୋଇ ନାହିଁ, ତେବେ ସାରଣୀରେ ଦିଆଯାଇଥିବା ପରି ସଂଖ୍ୟା/ପ୍ରତୀକର କୋଡକୁ ସିଧାସଳଖ ଅନୁସରଣ କରିବାକୁ ପଡିବ ।

ସଂଖ୍ୟା/ପ୍ରତୀକ	4	5	?	!	9	7	$	#	6	+
କୋଡ	B	O	Q	P	S	X	M	F	W	V

ସର୍ତ୍ତାବଳୀ–
(i) ଯଦି ପ୍ରଥମ ଉପାଦାନଟି ଏକ ପ୍ରତୀକ ଏବଂ ଶେଷ ଉପାଦାନଟି ଏକ ସଂଖ୍ୟା ହୁଏ, ତେବେ ସେମାନଙ୍କର କୋଡ ଅଦଳବଦଳ କରନ୍ତୁ ।
(ii) ଯଦି ଦ୍ୱିତୀୟ ଏବଂ ତୃତୀୟ ଉପାଦାନଟି ଅଯୁଗ୍ମ ସଂଖ୍ୟା ହୁଏ, ତେବେ ତୃତୀୟକୁ ଦ୍ୱିତୀୟର କୋଡ ଭାବରେ କୋଡ କରନ୍ତୁ ।
(iii) ଯଦି ଚତୁର୍ଥ ଉପାଦାନଟି ଏକ ପ୍ରତୀକ ଏବଂ ପଞ୍ଚମ ଉପାଦାନଟି ଏକ ସଂଖ୍ୟା ହୁଏ, ତେବେ ଉଭୟକୁ © ଭାବରେ କୋଡ୍ କରନ୍ତୁ ।

ନିମ୍ନଲିଖିତ ଗୋଷ୍ଠୀ ପାଇଁ କୋଡ କ'ଣ ହେବ?
4 5 ? ! 9

Ans

✗ A. BOQPM

✗ B. BOWPS

✓ C. BOQ©©

✗ D. FOQPS

Q.37 ମନେକର ଏକ ସହରରେ ଧୂମହୀନ ତମାଖୁ ବ୍ୟବହାର ଅତ୍ୟନ୍ତ ସାଧାରଣ ଅଟେ । କେଉଁ ଜନସ୍ୱାସ୍ଥ୍ୟ ସମସ୍ୟାଟି ସର୍ବାଧିକ ରୂପେ ପରିଲକ୍ଷିତ ହେବାର ସମ୍ଭାବନା ରହିଛି?

Ans

✗ A. ହାଡ଼ ଭାଙ୍ଗିବା ଘଟଣାରେ ବୃଦ୍ଧି

✓ B. ମୁଖ କର୍କଟର ଉଚ୍ଚ ହାର

✗ C. ଭୂତାଣୁଜନିତ ସଂକ୍ରମଣରେ ହ୍ରାସ

✗ D. ଚର୍ମ ଆଲର୍ଜିରେ ବୃଦ୍ଧି

Q.38 ଏକ କାରର ରେଡିଏଟରରେ **63%** ଆଣ୍ଟିଫ୍ରିଜ ଥିବା ଦ୍ରବଣ ରହିବା ଆବଶ୍ୟକ । ଜଣେ ମୋଟର ଚାଳକଙ୍କ ପାଖରେ **4** ଲିଟର **23%** ଆଣ୍ଟିଫ୍ରିଜ ଥିବା ଦ୍ରବଣ ଅଛି । ସେ **63%** ଆଣ୍ଟିଫ୍ରିଜ ଥିବା ଦ୍ରବଣ ଉତ୍ପାଦନ କରିବା ପାଇଁ **99%** ଆଣ୍ଟିଫ୍ରିଜ ଥିବା କେତେ ଲିଟର ଦ୍ରବଣ (ଦଶମିକ **2** ସ୍ଥାନ ପର୍ଯ୍ୟନ୍ତ ପୂର୍ଣ୍ଣାଙ୍କିତ) ଯୋଗ କରିବା ଆବଶ୍ୟକ?

Ans

✗ A. 10.25

✗ B. 6.05

✗ C. 7.21

✓ D. 4.44

Q.39 କେଉଁ ପରିସ୍ଥିତିଟି ଏକ ବଳ ଦ୍ୱାରା ସମ୍ପାଦିତ କାର୍ଯ୍ୟର ବୈଜ୍ଞାନିକ ସଂଜ୍ଞାକୁ ସର୍ବୋତ୍ତମ ଭାବରେ ବର୍ଣ୍ଣନା କରେ?

Ans

✗ A. ଏକ ସମତଳ ଚଟାଣ ଉପରେ ସ୍ଥିର ବେଗରେ ଏକ ବ୍ୟାଗ ବୋହିବା

✗ B. ଏକ ବହିକୁ ନ ଘୁଞ୍ଚାଇ ଧୀରେ ଟେବୁଲ ଉପରେ ରଖିବା

✗ C. ସର୍ବାଧିକ ପ୍ରଚେଷ୍ଟାରେ ଏକ ସ୍ଥିର କାନ୍ଥକୁ ଠେଲିବା

✓ D. ଜଣେ ବ୍ୟକ୍ତି ମାଧ୍ୟାକର୍ଷଣ ବିରୁଦ୍ଧରେ ଏକ ବାକ୍ସକୁ ସିଧା ସଳଖ ଉପରକୁ ଉଠାଇବା

Q.40 ସାତ ଜଣ ବନ୍ଧୁ **E, F, G, H, W, X** ଏବଂ **Y** ଉତ୍ତର ଦିଗକୁ ମୁହଁ କରି ଏକ ସିଧା ଧାଡିରେ ବସିଛନ୍ତି । **Y** ଏବଂ **W** ମଧ୍ୟେ

Ans

✓ A. G

✗ B. F

✗ C. X

✗ D. W

Q.41 **T** ଓ **U** ଦୁଇଟି ଟ୍ରେନ ପରସ୍ପର ଆଡ଼କୁ ଦୁଇଟି ସମାନ୍ତର ଟ୍ରାକରେ ଗତି କରୁଛନ୍ତି । ଟ୍ରେନ **T** ର ଦୈର୍ଘ୍ୟ **210 m** ଏବଂ ଏହାର ବେଗ **40 km/hr** ଅଟେ, ଅପରପକ୍ଷେ ଟ୍ରେନ **U** ର ଦୈର୍ଘ୍ୟ **240 m** ଏବଂ ଏହାର ବେଗ **50 km/hr** ଅଟେ । ଦୁଇଟି ଟ୍ରେନ ପରସ୍ପରକୁ ଭେଟିବା ମୁହୂର୍ତ୍ତରୁ ପରସ୍ପରକୁ ସମ୍ପୂର୍ଣ୍ଣ ରୂପେ ଅତିକ୍ରମ କରିବା ପାଇଁ କେତେ ସମୟ (ସେକେଣ୍ଡରେ) ନେବେ?

Ans

✗ A. 21 sec

✓ B. 18 sec

✗ C. 24 sec

✗ D. 21.6 sec

Q.42 ଏକ ପୋଷାକର ଚିହ୍ନିତ ମୂଲ୍ୟ **₹1,200** ଅଟେ । ଯଦି ବିକ୍ରୟ ମୂଲ୍ୟ **₹960** ହୁଏ, ତେବେ ରିହାତି ପ୍ରତିଶତ କେତେ ହେବ?

Ans

✓ A. 20%

✗ B. 15%

✗ C. 25%

✗ D. 30%

Q.43 ଇଂରାଜୀ ବର୍ଣ୍ଣମାଳା କ୍ରମ ଆଧାରରେ **TXBZ** ଏକ ନିର୍ଦ୍ଦିଷ୍ଟ ଉପାୟରେ **AEIG** ସହ ସମ୍ପର୍କିତ । **DHLJ** ସେହି ସମାନ ଉପାୟରେ **KOSQ** ସହ ସମ୍ପର୍କିତ । ସମାନ ତର୍କ ଅନୁସରଣ କରି ନିମ୍ନଲିଖିତ କେଉଁଟି ସହ **RVZX** ସମ୍ପର୍କିତ?

Ans

✗ A. YDFN

✗ B. YCFE

✓ C. YCGE

✗ D. YBFE

Q.44 38 ଏକ ନିର୍ଦ୍ଦିଷ୍ଟ ତର୍କ ଅନୁସାରେ 210 ସହିତ ସମ୍ପର୍କିତ । 30 ସମାନ ତର୍କ ଅନୁସାରେ 170 ସହିତ ସମ୍ପର୍କିତ । ସମାନ ତର୍କକୁ ଅନୁସରଣ କରି ନିମ୍ନଲିଖିତ ମଧ୍ୟରୁ କେଉଁଟି ସହିତ 22 ସମ୍ପର୍କିତ?
(ଦ୍ରଷ୍ଟବ୍ୟ: ସଂଖ୍ୟାଗୁଡ଼ିକୁ ସେଗୁଡିକର ଗଠନକାରୀ ଅଙ୍କ ଗୁଡ଼ିକରେ ନ ଭାଙ୍ଗି ପୂର୍ଣ୍ଣ ସଂଖ୍ୟାଗୁଡ଼ିକ ଉପରେ ଗାଣିତିକ ପ୍ରକ୍ରିୟା ଗୁଡ଼ିକ ହେବ । ଉଦାହରଣ ସ୍ୱରୂପ 13 - ମିଶାଣ/ଫେଡ଼ାଣ/ଗୁଣନ ଇତ୍ୟାଦି ଭଳି ଗାଣିତିକ ପ୍ରକ୍ରିୟାଗୁଡ଼ିକ 13 ଉପରେ ହେବ । 13 କୁ 1 ଓ 3 ରେ ଭାଙ୍ଗି 1 ଓ 3 ଉପରେ ଗାଣିତିକ ପ୍ରକ୍ରିୟା କରିବା ପାଇଁ ଅନୁମତି ନାହିଁ ।)

Ans
- ✔ A. 130
- ✘ B. 126
- ✘ C. 132
- ✘ D. 128

Q.45 ସାତଟି ବାକ୍ସ C, D, E, F, X, Y ଏବଂ Z ଗୋଟିଏ ଉପରେ ଗୋଟିଏ କରି ରଖାଯାଇଛି କିନ୍ତୁ ସମାନ କ୍ରମରେ ରଖିବା ଜରୁରୀ ନୁହେଁ । Y ଉପରେ କେବଳ C କୁ ରଖାଯାଇଛି । Y ଏବଂ X ମଧ୍ୟରେ କେବଳ E କୁ ରଖାଯାଇଛି । D ତଳେ କେବଳ Z କୁ ରଖାଯାଇଛି ।
F ଏବଂ Z ମଧ୍ୟରେ କେତୋଟି ବାକ୍ସ ରଖାଯାଇଛି?

Ans
- ✘ A. ଦୁଇଟି
- ✘ B. ତିନିଟି
- ✘ C. ଚାରିଟି
- ✔ D. ଗୋଟିଏ

Q.46 ଯଦି '+' ଏବଂ '−' କୁ ପରସ୍ପର ମଧ୍ୟରେ ଅଦଳବଦଳ କରାଯାଏ ଏବଂ '×' ଏବଂ '÷' କୁ ପରସ ମଧ୍ୟରେ ଅଦଳବଦଳ କରାଯାଏ, ତେବେ ନିମ୍ନଲିଖିତ ସମୀକରଣରେ ପ୍ରଶ୍ନଚିହ୍ନ (?) ସ୍ଥାନରେ କ'ଣ ଆସିବ?

9 ÷ 5 + 10 × 2 − 3 = ?

Ans
- ✘ A. 40
- ✘ B. 50
- ✔ C. 43
- ✘ D. 55

Q.47 ପ୍ରଦତ୍ତ ଅନୁକ୍ରମରେ '?' ସ୍ଥାନରେ କ'ଣ ଆସିବ?
42 60 76 90 102 112 ?

Ans
- ✔ A. 120
- ✘ B. 122
- ✘ C. 118
- ✘ D. 121

Q.48 ଏକ $ABCD$ ଚତୁର୍ଭୁଜରେ $\angle A$ ର ମାପ $\angle C$ ର ମାପ ଠାରୁ 19° ଅଧିକ ଅଟେ, $\angle B$ ର ମାପ $\angle C$ ର ମାପ ଠାରୁ 24° କମ ଅଟେ ଏବଂ $\angle D$ ର ମାପ $\angle B$ ମାପର ଦୁଇଗୁଣ ଠାରୁ 8° ଅଧିକ ଅଟେ ।
$\angle A + \angle D - \angle C$ ର ମୂଲ୍ୟ ନିର୍ଣ୍ଣୟ କର ।

Ans
- ✘ A. 108°
- ✘ B. 137°
- ✘ C. 129°
- ✔ D. 141°

Q.49 ନିମ୍ନଲିଖିତ ସଂଖ୍ୟାଗୁଡ଼ିକ ମଧ୍ୟରୁ କେଉଁଟି ଉଭୟ 46 ଏବଂ 41 ଦ୍ୱାରା ବିଭାଜ୍ୟ ହେବ?

Ans
- ✘ A. 60607
- ✘ B. 62810
- ✔ C. 62238
- ✘ D. 63842

Q.50 ଦୁଇଟି ସଂଖ୍ୟାର ଗ.ସା.ଗୁ. 18 ଏବଂ ସେଗୁଡିକର ଲ.ସା.ଗୁ. 360 ଅଟେ । ଯଦି ସେହି ସଂଖ୍ୟାଗୁଡ଼ିକ ମଧ୍ୟରୁ ଗୋଟିଏ ସଂଖ୍ୟା 90 ହୁଏ, ତେବେ ଅନ୍ୟ ସଂଖ୍ୟାଟି ନିର୍ଣ୍ଣୟ କର ।

Ans
- ✘ A. 180
- ✔ B. 72
- ✘ C. 120
- ✘ D. 90

blackbook

Q.51 ଏହି ପ୍ରଶ୍ନରେ, ନିମ୍ନରେ ଦିଆଯାଇଥିବା କୋଡ ଏବଂ ତାପରେ ଦିଆଯାଇଥିବା ସର୍ତ୍ତାବଳୀ ଅନୁଯାୟୀ ଅକ୍ଷର କୋଡ ବ୍ୟବହାର କରି ସଂଖ୍ୟା/ପ୍ରତୀକର ଏକ ଗୋଷ୍ଠୀକୁ କୋଡ୍ କରାଯାଇଛି । ସର୍ତ୍ତାବଳୀ ଅନୁସରଣ କରୁଥିବା କୋଡ୍‌ଗୁଡ଼ିକର ସଠିକ ସଂଯୋଜନ ଆପଣଙ୍କର ଉତ୍ତର ଅଟେ । ଯଦି କୌଣସି ସର୍ତ୍ତାବଳୀ ପ୍ରୟୋଗ ହୋଇ ନାହିଁ, ତେବେ ସାରଣୀରେ ଦିଆଯାଇଥିବା ପରି ସଂଖ୍ୟା/ପ୍ରତୀକର କୋଡକୁ ସିଧାସଳଖ ଅନୁସରଣ କରିବାକୁ ପଡିବ ।

ସଂଖ୍ୟା/ପ୍ରତୀକ 4 3 + % 8 6 @ ! & $

କୋଡ YWHOI J C MNK

ସର୍ତ୍ତାବଳୀ –
(i) ଯଦି ପ୍ରଥମ ଉପାଦାନଟି ଏକ ପ୍ରତୀକ ଏବଂ ଶେଷ ଉପାଦାନଟି ଏକ ସଂଖ୍ୟା ହୁଏ, ତେବେ ପ୍ରଥମ ଏବଂ ଶେଷ ଉପାଦାନର କୋଡଗୁଡିକୁ ପରସ୍ପର ମଧ୍ୟରେ ଅଦଳବଦଳ କରିବାକୁ ପଡିବ ।
(ii) ଯଦି ଦ୍ୱିତୀୟ ଏବଂ ତୃତୀୟ ଉପାଦାନଗୁଡ଼ିକ ଅଯୁଗ୍ମ ସଂଖ୍ୟା ହୁଏ, ତେବେ ତୃତୀୟ ଉପାଦାନକୁ ଦ୍ୱିତୀୟ ଉପାଦାନର କୋଡ ଭାବରେ କୋଡ କରାଯିବ ।
(iii) ଯଦି ଚତୁର୍ଥ ଉପାଦାନଟି ଏକ ପ୍ରତୀକ ଏବଂ ପଞ୍ଚମ ଉପାଦାନଟି ଏକ ସଂଖ୍ୟା ହୁଏ, ତେବେ ଉଭୟ ଉପାଦାନକୁ © ଭାବରେ କୋଡ କରିବାକୁ ପଡିବ ।

ନିମ୍ନଲିଖିତ ସଂଖ୍ୟା-ପ୍ରତୀକ ଗୋଷ୍ଠୀ ପାଇଁ କୋଡ କ'ଣ ହେବ?
4 3 + % 8

Ans
- ✔ A. YWH©©
- ✘ B. YWHOM
- ✘ C. YWHOI
- ✘ D. YCHOI

Q.52 **P, Q, R, S, T, U ଓ V** ପ୍ରତ୍ୟେକଙ୍କର ପରୀକ୍ଷା ଗୋଟିଏ ସପ୍ତାହର ଭିନ୍ନ ଭିନ୍ନ ଦିନରେ ସୋମବାର ଠାରୁ ଆରମ୍ଭ ହୋଇ ସେହି ସପ୍ତାହର ରବିବାର ଦିନ ଶେଷ ହୁଏ । ଗୁରୁବାର ଦିନ **S** ଙ୍କ ପରୀକ୍ଷା ଅଛି । **U** ଓ **S** ଙ୍କ ମଧ୍ୟରେ କେବଳ ଦୁଇଜଣ ଲୋକଙ୍କ ପରୀକ୍ଷା ଅଛି । **U** ଙ୍କ ଠିକ ପର ଦିନ **P** ଙ୍କ ପରୀକ୍ଷା ଅଛି । **R** ଓ **Q** ଙ୍କ ମଧ୍ୟରେ କେବଳ ଜଣେ ଲୋକଙ୍କ ପରୀକ୍ଷା ଅଛି । **S** ଙ୍କ ଠିକ ପୂର୍ବ ଦିନ **V** ଙ୍କ ପରୀକ୍ଷା ଅଛି । **T** ଙ୍କ ଠିକ ପର ଦିନ **Q** ଙ୍କ ପରୀକ୍ଷା ଅଛି । କେଉଁ ଦିନ **R** ଙ୍କ ପରୀକ୍ଷା ଅଛି?

Ans
- ✔ A. ଶୁକ୍ରବାର
- ✘ B. ମଙ୍ଗଳବାର
- ✘ C. ଶନିବାର
- ✘ D. ଗୁରୁବାର

Q.53 ତଳେ ସଂଖ୍ୟାର ଦୁଇଟି ସେଟ୍ ଦିଆଯାଇଛି । ପ୍ରତ୍ୟେକ ସଂଖ୍ୟା ସେଟରେ, ପ୍ରଥମ ସଂଖ୍ୟା ଉପରେ ଏକ ନିର୍ଦ୍ଦିଷ୍ଟ ଗାଣିତିକ କ୍ରିୟା ପ୍ରୟୋଗ କରି ଦ୍ୱିତୀୟ ସଂଖ୍ୟା ପ୍ରାପ୍ତ ହୋଇଥାଏ । ସେହିପରି, ଦ୍ୱିତୀୟ ସଂଖ୍ୟା ଉପରେ ଏକ ନିର୍ଦ୍ଦିଷ୍ଟ ଗାଣିତିକ କ୍ରିୟା ପ୍ରୟୋଗ କରି ତୃତୀୟ ସଂଖ୍ୟା ପ୍ରାପ୍ତ ହୋଇଥାଏ ଏବଂ ଏହିପରି ଜାରି ରହେ । ଦିଆଯାଇଥିବା ବିକଳ୍ପଗୁଡ଼ିକ ମଧ୍ୟରୁ କେଉଁଟି ପ୍ରଶ୍ନରେ ଥିବା ସମାନ କ୍ରିୟାର ସେଟକୁ ଅନୁସରଣ କରେ, ତାହା ନିର୍ଣ୍ଣୟ କର ?
(ଟିପ୍ପଣୀ - ଏକ ଦୁଇ/ତିନି-ଅଙ୍କ ବିଶିଷ୍ଟ ସଂଖ୍ୟାକୁ କ୍ରିୟା ପାଇଁ ପୃଥକ ଅଙ୍କରେ ଭଙ୍ଗା ଯାଇପାରିବ ନାହିଁ, ଯଥା ଯଦି **37** ପରେ **10** ଅଛି, ତେବେ କ୍ରିୟା **3+7** ହୋଇପାରିବ ନାହିଁ କାରଣ ଏକ ଦୁଇ-ଅଙ୍କ ବିଶିଷ୍ଟ ସଂଖ୍ୟାକୁ ପୃଥକ ଅଙ୍କରେ ଭଙ୍ଗା ଯାଇପାରିବ ନାହିଁ ।)

27 - 31 - 248 - 237
11 - 15 - 120 - 109

Ans
- ✔ A. 26 - 30 - 240 - 229
- ✘ B. 1 - 4 - 28 - 17
- ✘ C. 3 - 8 - 64 - 54
- ✘ D. 3 - 7 - 70 - 60

Q.54 ସରଳ କର: $(14pq + 15q)^2 - (14pq - 15q)^2$

Ans
- ✔ A. $840pq^2$
- ✘ B. $420pq^2$
- ✘ C. $840p^2q$
- ✘ D. $420p^2q^2$

Q.55 ଯଦି **'A'** ର ଅର୍ଥ **'÷'**, **'B'** ର ଅର୍ଥ **'×'**, **'C'** ର ଅର୍ଥ **'+'** ଏବଂ **'D'** ର ଅର୍ଥ **'−'** ହୁଏ, ତେବେ ନିମ୍ନଲିଖିତ ସମୀକରଣରେ ପ୍ରଶ୍ନ ଚିହ୍ନ (?) ସ୍ଥାନରେ କ'ଣ ଆସିବ?
107 D 132 A 4 B 3 C 11 = ?

Ans
- ✘ A. 16
- ✘ B. 14
- ✔ C. 19
- ✘ D. 15

Blackbook

Q.56 ପ୍ରଦତ୍ତ ଅନୁକ୍ରମକୁ ତର୍କସିଦ୍ଧ ଭାବେ ସଂପୂର୍ଣ୍ଣ କରିବା ପାଇଁ ନିମ୍ନଲିଖିତ କେଉଁ ଅକ୍ଷର-ସଂଖ୍ୟା ପୁଞ୍ଜ ପ୍ରଶ୍ନଚିହ୍ନ (?) କୁ ପ୍ରତିସ୍ଥାପିତ କରିପାରିବ?

VAN16 WCP14 XER12 YGT10 ?

Ans

✗ A. ZGV8

✗ B. YIV8

✗ C. YGV8

✓ D. ZIV8

Q.57 ଏହି ପ୍ରଶ୍ନରେ, ନିମ୍ନରେ ଦିଆଯାଇଥିବା କୋଡ ଏବଂ ତାପରେ ଦିଆଯାଇଥିବା ସର୍ତ୍ତାବଳୀ ଅନୁଯାୟୀ ଅକ୍ଷର କୋଡ ବ୍ୟବହାର କରି ସଂଖ୍ୟା/ପ୍ରତୀକର ଏକ ଗୋଷ୍ଠୀକୁ କୋଡ କରାଯାଇଛି । ସର୍ତ୍ତାବଳୀ ଅନୁସରଣ କରୁଥିବା କୋଡଗୁଡ଼ିକର ସଠିକ ସଂଯୋଜନ ଆପଣଙ୍କର ଉତ୍ତର ଅଟେ । ଯଦି କୌଣସି ସର୍ତ୍ତାବଳୀ ପ୍ରଯୋଗ ହୋଇ ନାହିଁ, ତେବେ ସାରଣୀରେ ଦିଆଯାଇଥିବା ପରି ସଂଖ୍ୟା/ପ୍ରତୀକର କୋଡକୁ ସିଧାସଳଖ ଅନୁସରଣ କରିବାକୁ ପଡିବ ।

ସଂଖ୍ୟା/ପ୍ରତୀକ 3 @ 8 5 $ # 2 % 7 & 4 9 1 6

କୋଡ KF UPLDBQRE TAHM

ସର୍ତ୍ତାବଳୀ–

(i) ଯଦି ପ୍ରଥମ ଉପାଦାନ ଏକ ପ୍ରତୀକ ଏବଂ ଶେଷ ଉପାଦାନ ଏକ ସଂଖ୍ୟା ହୁଏ , ତେବେ ପ୍ରଥମ ଏବଂ ଶେଷ ଉପାଦାନର କୋଡକୁ ପରସ୍ପର ମଧ୍ୟରେ ଅଦଳବଦଳ କରାଯିବ ।

(ii) ଯଦି ଦ୍ୱିତୀୟ ଏବଂ ତୃତୀୟ ଉପାଦାନ ଯୁଗ୍ମ ସଂଖ୍ୟା ହୁଏ,ତେବେ ତୃତୀୟ ଉପାଦାନକୁ ଦ୍ୱିତୀୟ ଉପାଦାନର କୋଡ ଭାବରେ କୋଡ କରାଯିବ ।

(iii) ଯଦି ଚତୁର୍ଥ ଉପାଦାନ ଏକ ପ୍ରତୀକ ହୁଏ, ତେବେ ଉଭୟ ଚତୁର୍ଥକୁ © ଭାବରେ କୋଡ କରାଯିବ ।

ନିମ୍ନଲିଖିତ ସଂଖ୍ୟା-ପ୍ରତୀକ ଗୋଷ୍ଠୀ ପାଇଁ କୋଡ କ'ଣ ହେବ?

9865@

Ans

✗ A. AUMPF

✗ B. AUMPM

✓ C. AUUPF

✗ D. AUUPM

Q.58 ଏକ ବୃତ୍ତର ଜ୍ୟା **AB** ଏବଂ ଜ୍ୟା **CD** ବୃତ୍ତ ଭିତରେ ଥିବା ଏକ ବିନ୍ଦୁ **T** ଠାରେ ପରସ୍ପରକୁ ଛେଦ କରନ୍ତି । ଯଦି **AB = 27 cm, AT = 16 cm** ଏବଂ **TC = 20 cm** ହୁଏ, ତେବେ **CD (cm** ରେ) କେତେ ହେବ?

Ans

✗ A. 31.2

✗ B. 35.6

✗ C. 22.3

✓ D. 28.8

Q.59 ଗୋଟିଏ ପାଇପ 12 ମିନିଟ ରେ ଗୋଟିଏ ଟାଙ୍କି ପୂର୍ଣ୍ଣ କରିପାରୁଥିବା ବେଳେ ଅନ୍ୟ ଏକ ପାଇପ 14 ମିନିଟ ରେ ସମ୍ପୂର୍ଣ୍ଣ ଭର୍ତ୍ତି ଟାଙ୍କିକୁ ଖାଲି କରିପାରିବ । ଯଦି ଉଭୟ ପାଇପ ଖାଲି ଟାଙ୍କିରେ ଏକାଠି ପରିଚାଳିତ ହୁଏ, ତେବେ ଟାଙ୍କିର ଦୁଇ-ତୃତୀୟାଂଶ ପୂର୍ଣ୍ଣ କରିବା ପାଇଁ କେତେ ସମୟ (ମିନିଟ ରେ) ଲାଗିବ?

Ans

✗ A. 224

✗ B. 168

✗ C. 112

✓ D. 56

Q.60 ଯଦି $4(\sec^2 59^\circ - \cot^2 31^\circ) + \frac{6\sqrt{2}}{7}\cos 45^\circ - 2\alpha \tan^2 56^\circ \times \tan^2 34^\circ = 2\alpha$ ହୁଏ, ତେବେ α ର ମୂଲ୍ୟ କେତେ?

Ans

✗ A. $2\frac{5}{14}$

✓ B. $1\frac{3}{14}$

✗ C. $2\frac{3}{14}$

✗ D. $1\frac{5}{14}$

Black Book

Q.61 ନିମ୍ନଲିଖିତ ଅନୁକ୍ରମକୁ ଦେଖି ପ୍ରଶ୍ନର ଉତ୍ତର ଦିଅ ।
(ବାମ)
E I I N T I K E M R A H G D A H B G K I D F H (ଡାହାଣ)
ଡାହାଣ ପ୍ରାନ୍ତରୁ ସପ୍ତମ ଅକ୍ଷର ଏବଂ ବାମ ପ୍ରାନ୍ତରୁ ଦ୍ୱିତୀୟ ଅକ୍ଷର ମଧ୍ୟରେ ଇଂରାଜୀ ବର୍ଣ୍ଣମାଳା କ୍ରମରେ କେତୋଟି ଅକ୍ଷର ଅଛି?

Ans
- ✔ A. ଛଅଟି
- ✘ B. ପାଞ୍ଚଟି
- ✘ C. ସାତଟି
- ✘ D. ଆଠଟି

Q.62 ଏକ ବର୍ଷା ଜଳ ସଂଗ୍ରହ ଟାଙ୍କି 3.5 m ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ଅର୍ଦ୍ଧଗୋଲକ ଆକୃତିର ଅଟେ । ପ୍ରବଳ ବର୍ଷା ସମୟରେ ଟାଙ୍କିଟି ପୂର୍ଣ୍ଣ ହୋଇଯାଏ । ଯଦି ଏହି ଟାଙ୍କିର ଜଳକୁ 0.35 m ବ୍ୟାସାର୍ଦ୍ଧ ଏବଂ 0.7 m ଉଚ୍ଚତା ବିଶିଷ୍ଟ ସିଲିଣ୍ଡରାକୃତି ବାଲ୍ଟିଗୁଡିକୁ ପୂର୍ଣ୍ଣ କରିବା ପାଇଁ ବ୍ୟବହାର କରାଯାଏ, ତେବେ ସର୍ବାଧିକ କେତେ ସଂଖ୍ୟକ ବାଲ୍ଟିକୁ ପୂର୍ଣ୍ଣ କରିହେବ?

Ans
- ✘ A. 373
- ✘ B. 313
- ✘ C. 353
- ✔ D. 333

Q.63 260 km ଯାତ୍ରା କରିବା ପାଇଁ ଏକ ଡେଲିଭରି ଭ୍ୟାନ 20 ଲିଟର ଡିଜେଲ ଖର୍ଚ୍ଚ କରେ । ଭ୍ୟାନ ର ହାରାହାରି ମାଇଲେଜ (km/ଲିଟରରେ) କେତେ?

Ans
- ✘ A. 12
- ✘ B. 10
- ✘ C. 14
- ✔ D. 13

Q.64 ଜଣେ ଋଣଗ୍ରହୀତା ପ୍ରତ୍ୟେକ ₹35,280 ର ଦୁଇଟି ସମାନ ବାର୍ଷିକ କିସ୍ତି ମାଧ୍ୟମରେ ଋଣ ପରିଶୋଧ କରିଥିଲେ, ପ୍ରଥମ କିସ୍ତି ପ୍ରଥମ ବର୍ଷ ଶେଷରେ ଦେବାକୁ ପଡିବ । ଯଦି ବାର୍ଷିକ ଭାବରେ ଚକ୍ରବୃଦ୍ଧି ହେଉଥିବା ବାର୍ଷିକ 5% ସୁଧ ହାରରେ ସୁଧ ଆଦାୟ କରାଯାଏ, ତେବେ ମୋଟ ସୁଧ କେତେ (₹ ରେ) ଦିଆଯାଇଥିଲା?

Ans
- ✘ A. 4,800
- ✘ B. 5,280
- ✘ C. 4,640
- ✔ D. 4,960

Q.65 FROCKED ଶବ୍ଦର ପ୍ରତ୍ୟେକ ଅକ୍ଷରକୁ ଇଂରାଜୀ ବର୍ଣ୍ଣମାଳା କ୍ରମରେ ସଜାଯାଇଛି। ଏହିପରି ଭାବରେ ଗଠିତ ନୂତନ ଅକ୍ଷର ସମୂହରେ ବାମ ପଟୁ ତୃତୀୟ ଅକ୍ଷର ଏବଂ ଡାହାଣ ପଟୁ ଦ୍ୱିତୀୟ ଅକ୍ଷର ମଧ୍ୟରେ ଇଂରାଜୀ ବର୍ଣ୍ଣମାଳା କ୍ରମରେ କେତୋଟି ଅକ୍ଷର ଅଛି?

Ans
- ✘ A. 12
- ✘ B. 8
- ✘ C. 10
- ✔ D. 9

Q.66 ପ୍ରଦତ୍ତ ଅନୁକ୍ରମରେ '?' ସ୍ଥାନରେ କ'ଣ ରହିବା ଆବଶ୍ୟକ?

36,44,60,84,116, ?

Ans
- ✔ A. 156
- ✘ B. 155
- ✘ C. 158
- ✘ D. 157

Black book

Q.67 ଜଣେ ବ୍ୟକ୍ତି 3 ବର୍ଷ ପାଇଁ ବାର୍ଷିକ 12% ସରଳ ସୁଧ ହାରରେ ₹56,000 ନିବେଶ କଲେ । 3 ବର୍ଷ ପରେ ସେ କେତେ ପରିମାଣ (₹ ରେ) ପାଇବେ ନିର୍ଣ୍ଣୟ କର ।

Ans
- ✗ A. 75,160
- ✗ B. 78,160
- ✓ C. 76,160
- ✗ D. 77,160

Q.68 ଗୋଟିଏ ପେନସିଲ ଜଳପୂର୍ଣ୍ଣ କାଚ ଗ୍ଲାସରେ ଆଂଶିକ ଭାବରେ ବୁଡ଼ି ରହିଥିବା ବେଳେ ବଙ୍କା ଦେଖାଯାଇଥାଏ । କେଉଁ ପରିଘଟଣା ଏହି ପର୍ଯ୍ୟବେକ୍ଷଣକୁ ସର୍ବୋତ୍ତମ ଭାବରେ ବ୍ୟାଖ୍ୟା କରେ ଏବଂ ଏହା କେଉଁଠାରେ ଘଟିଥାଏ?

Ans
- ✗ A. ଜଳ ପୃଷ୍ଠରେ ପ୍ରତିଫଳନ
- ✗ B. ଜଳରେ ଆଲୋକର ପ୍ରକୀର୍ଣ୍ଣନ (Dispersion)
- ✗ C. ଜଳ ଅଣୁ ଦ୍ୱାରା ଆଲୋକର ବିଚ୍ଛୁରଣ
- ✓ D. ଜଳ-ବାୟୁର ବ୍ୟବଧାନ ପୃଷ୍ଠ (water-air interface) ରେ ପ୍ରତିସରଣ

Q.69 ନିମ୍ନଲିଖିତ ଅନୁକ୍ରମକୁ ଦେଖି ପ୍ରଶ୍ନର ଉତ୍ତର ଦିଅ ।
(ବାମ)
L U F I T U A E B A D A Y J H F A K A N F G D (ଡାହାଣ)
ଇଂରାଜୀ ବର୍ଣ୍ଣମାଳା କ୍ରମରେ, ଡାହାଣ ପ୍ରାନ୍ତରୁ ଦ୍ୱିତୀୟ ଅକ୍ଷର ଏବଂ ବାମ ପ୍ରାନ୍ତରୁ ତୃତୀୟ ଅକ୍ଷର ମଧ୍ୟରେ କେତୋଟି ଅକ୍ଷର ରହିଛି?

Ans
- ✗ A. ଦୁଇଟି
- ✗ B. ତିନୋଟି
- ✓ C. କିଛି ନୁହେଁ
- ✗ D. ଗୋଟିଏ

Q.70 ଏହି ପ୍ରଶ୍ନରେ, ଗୋଟିଏ ପ୍ରଶ୍ନ ପରେ ଦୁଇଟି ବିବୃତି (I) ଏବଂ (II) ଦିଆଯାଇଛି । ଆପଣଙ୍କୁ ନିଶ୍ଚିତ ନେବାକୁ ପଡିବ ଯେ ବିବୃତିରେ ଦିଆଯାଇଥିବା ତଥ୍ୟ ପ୍ରଶ୍ନର ଉତ୍ତର ଦେବା ପାଇଁ ଯଥେଷ୍ଟ କି ନାହିଁ । ଉଭୟ ବିବୃତି ପଢ଼ନ୍ତୁ ଏବଂ ଉପଯୁକ୍ତ ଉତ୍ତର ନିର୍ଣ୍ଣୟ କରନ୍ତୁ ।
ପ୍ରଶ୍ନ:
ପ୍ରତ୍ୟେକ ଭିନ୍ନ ଭିନ୍ନ ଉଚ୍ଚତା ବିଶିଷ୍ଟ 5 ଟି ଷ୍ଟିକ - Q, L, M, R ଓ E ମଧ୍ୟରେ କେଉଁ ଷ୍ଟିକ ସବୁଠାରୁ ବଡ ଅଟେ?

ବିବୃତି:
(I) M କେବଳ ଗୋଟିଏ ଷ୍ଟିକ ଠାରୁ ବଡ ଅଟେ । R, L ଠାରୁ ଛୋଟ କିନ୍ତୁ Q ଠାରୁ ବଡ ଅଟେ ।
(II) R, E ଠାରୁ ବଡ ଅଟେ ।

Ans
- ✗ A. କେବଳ ବିବୃତି I ରେ ଥିବା ତଥ୍ୟ ପ୍ରଶ୍ନର ଉତ୍ତର ଦେବା ପାଇଁ ଯଥେଷ୍ଟ ଥିବାବେଳେ ବିବୃତି II ରେ ଥିବା ତଥ୍ୟ ପ୍ରଶ୍ନର ଉତ୍ତର ଦେବା ପାଇଁ ଯଥେଷ୍ଟ ନୁହେଁ ।
- ✗ B. କେବଳ ବିବୃତି II ରେ ଥିବା ତଥ୍ୟ ପ୍ରଶ୍ନର ଉତ୍ତର ଦେବା ପାଇଁ ଯଥେଷ୍ଟ ଥିବାବେଳେ ବିବୃତି I ରେ ଥିବା ତଥ୍ୟ ପ୍ରଶ୍ନର ଉତ୍ତର ଦେବା ପାଇଁ ଯଥେଷ୍ଟ ନୁହେଁ ।
- ✗ C. ଏକାଠି ଉଭୟ ବିବୃତି I ଏବଂ II ପ୍ରଶ୍ନର ଉତ୍ତର ଦେବା ପାଇଁ ଯଥେଷ୍ଟ ନୁହେଁ ।
- ✓ D. ଏକାଠି ଉଭୟ ବିବୃତି I ଏବଂ II ପ୍ରଶ୍ନର ଉତ୍ତର ଦେବା ପାଇଁ (ଏବଂ ଏକାକୀ ବିବୃତି I କିମ୍ବା ଏକାକୀ ବିବୃତି II ନୁହେଁ) ଯଥେଷ୍ଟ ଅଟେ ।

Q.71 ଜଳର ବିଦ୍ୟୁତ ବିଶ୍ଳେଷଣକୁ ଏକ ବିଘଟନ ପ୍ରତିକ୍ରିୟା ଭାବରେ କାହିଁକି ଶ୍ରେଣୀଭୁକ୍ତ କରାଯାଇଛି?

Ans
- ✗ A. ଅକ୍ସିଜେନ ଇଲେକ୍ଟ୍ରୋଡ ସହିତ ସଂଯୋଜିତ ହୁଏ
- ✗ B. ହାଇଡ୍ରୋଜେନ ଅକ୍ସିଜେନକୁ ପ୍ରତିସ୍ଥାପିତ କରେ
- ✗ C. ବିଦ୍ୟୁତ ଶକ୍ତି ଜଳକୁ ଉତ୍ତପ୍ତ କରେ
- ✓ D. ଜଳ ବିଭାଜିତ ହୋଇ ହାଇଡ୍ରୋଜେନ ଏବଂ ଅକ୍ସିଜେନରେ ପରିଣତ ହୁଏ

Q.72 ପ୍ରଦତ୍ତ ଅନୁକ୍ରମକୁ ତର୍କସିଦ୍ଧ ଭାବେ ସଂପୂର୍ଣ୍ଣ କରିବା ପାଇଁ ନିମ୍ନଲିଖିତ ଅକ୍ଷର-ସଂଖ୍ୟା ଯୁଞ୍ଜ ମଧ୍ୟରୁ କେଉଁଟିକୁ ପ୍ରଶ୍ନଚିହ୍ନ (?) ସ୍ଥାନରେ ସ୍ଥାପିତ କରାଯାଇପାରିବ?

GUL 2 JSJ -4 MQH 8 ? SMD 32

Ans
- ✓ A. POF -16
- ✗ B. KYT -11
- ✗ C. KOI -21
- ✗ D. HJI -43

Black book

Q.73 ଜୋୟା ବିନ୍ଦୁ **A** ରୁ ଆରମ୍ଭ କରି ପୂର୍ବ ଦିଗକୁ **24 km** ଗାଡି ଚଲାନ୍ତି । ତା' ପରେ ସେ ଡାହାଣ ମୋଡ଼ ନେଇ **20 km** ଗାଡି ଚଲାନ୍ତି ସେ ପୁନର୍ବାର ଡାହାଣ ମୋଡ଼ ନିଅନ୍ତି ଏବଂ **22 km** ଗାଡି ଚଲାନ୍ତି । ଏହା ପରେ ସେ ଡାହାଣ ମୋଡ଼ ନେଇ **31 km** ଗାଡି ଚଲାନ୍ତି । ସେ ଶେଷ ବାମ ମୋଡ଼ ନିଅନ୍ତି, **2 km** ଗାଡି ଚଲାନ୍ତି ଏବଂ ବିନ୍ଦୁ **B** ରେ ଅଟକିଯାଆନ୍ତି । ବିନ୍ଦୁ **A** ରେ ପୁନର୍ବାର ପହଞ୍ଚିବା ପାଇଁ ସେ କେତେ ଦୂର (ସର୍ବନିମ୍ନ ଦୂରତା) ଏବଂ କେଉଁ ଦିଗକୁ ଗାଡି ଚଲାଇବା ଉଚିତ? (ଯଦି ଦିଆଯାଇ ନାହିଁ ତେବେ ସମସ୍ତ ମୋଡ କେବଳ **90°** ଅଟେ ।)

Ans

✗ A. 8 km ପଶ୍ଚିମ ଦିଗକୁ

✓ B. 11 km ଦକ୍ଷିଣ ଦିଗକୁ

✗ C. 7 km ଦକ୍ଷିଣ ଦିଗକୁ

✗ D. 9 km ଉତ୍ତର ଦିଗକୁ

Q.74 ଏହି ପ୍ରଶ୍ନରେ, ଗୋଟିଏ ପ୍ରଶ୍ନ ପରେ ଦୁଇଟି ବିବୃତି (I) ଏବଂ (II) ଦିଆଯାଇଛି । ଆପଣଙ୍କୁ ନିଷ୍ପତ୍ତି ନେବାକୁ ପଡିବ ଯେ ବିବୃତିରେ ଦିଆଯାଇଥିବା ତଥ୍ୟ ପ୍ରଶ୍ନର ଉତ୍ତର ଦେବା ପାଇଁ ଯଥେଷ୍ଟ କି ନାହିଁ । ଉଭୟ ବିବୃତି ପଢ଼ନ୍ତୁ ଏବଂ ଉପଯୁକ୍ତ ଉତ୍ତର ନିର୍ଣ୍ଣୟ କରନ୍ତୁ ।

ପ୍ରଶ୍ନ:
ପ୍ରତ୍ୟେକ ଭିନ୍ନ ଭିନ୍ନ ଉଚ୍ଚତା ବିଶିଷ୍ଟ 5 ଟି ଷ୍ଟିକ - **A, E, Z, M** ଓ **D** ମଧ୍ୟରେ କେଉଁ ଷ୍ଟିକ ସବୁଠାରୁ ବଡ ଅଟେ?

ବିବୃତି:
(I) M, E ଠାରୁ ବଡ ଅଟେ । **E, D** ଠାରୁ ବଡ ଅଟେ ।
(II) D, A ଠାରୁ ଛୋଟ କିନ୍ତୁ **Z** ଠାରୁ ବଡ ଅଟେ ।

Ans

✓ A. ଏକାଠି ଉଭୟ ବିବୃତି । ଏବଂ ।। ପ୍ରଶ୍ନର ଉତ୍ତର ଦେବା ପାଇଁ ଯଥେଷ୍ଟ **ନୁହେଁ ।**

✗ B. କେବଳ ବିବୃତି ।। ରେ ଥିବା ତଥ୍ୟ ପ୍ରଶ୍ନର ଉତ୍ତର ଦେବା ପାଇଁ ଯଥେଷ୍ଟ ଥିବାବେଳେ ବିବୃତି । ରେ ଥିବା ତଥ୍ୟ ପ୍ରଶ୍ନର ଉତ୍ତର ଦେବା ପାଇଁ ଯଥେଷ୍ଟ ନୁହେଁ ।

✗ C. କେବଳ ବିବୃତି । ରେ ଥିବା ତଥ୍ୟ ପ୍ରଶ୍ନର ଉତ୍ତର ଦେବା ପାଇଁ ଯଥେଷ୍ଟ ଥିବାବେଳେ ବିବୃତି ।। ରେ ଥିବା ତଥ୍ୟ ପ୍ରଶ୍ନର ଉତ୍ତର ଦେବା ପାଇଁ ଯଥେଷ୍ଟ ନୁହେଁ ।

✗ D. ଏକାଠି ଉଭୟ ବିବୃତି । ଏବଂ ।। ପ୍ରଶ୍ନର ଉତ୍ତର ଦେବା ପାଇଁ (ଏବଂ ଏକାକୀ ବିବୃତି । କିମ୍ବା ଏକାକୀ ବିବୃତି ।। ନୁହେଁ) ଯଥେଷ୍ଟ ଅଟେ ।

Q.75 **10 m** ଗଭୀର ଏବଂ **36 m** ପ୍ରସ୍ଥ ବିଶିଷ୍ଟ ଏକ ନଦୀ **2.7 km/hr** ବେଗରେ ପ୍ରବାହିତ ହେଉଛି । ପ୍ରତି ମିନିଟରେ ସମୁଦ୍ରକୁ ପ୍ରବାହିତ ହେଉଥିବା ଜଳର ପରିମାଣ (m^3 ରେ) ନିର୍ଣ୍ଣୟ କର।

Ans

✗ A. 12,600

✗ B. 10,260

✗ C. 12,000

✓ D. 16,200

Black